ନବୀନ ପଟ୍ଟନାୟକ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

ଓଡ଼ିଶା ସରକାର

ଟେଲିଫୋନ୍ (0674) : 2531100 (Off.)
(0674) : 2591099 (Res.)
ଫାକ୍ସ (0674) : 2535100 (Off.)
(0674) : 2590833 (Res.)
ଇମେଲ୍ — cmo@ori.nic.in

ନଂ. 4984/ମୁ.ମ.

ଭୁବନେଶ୍ୱର

ତା. 1.2.2011

**ପ୍ରାପ୍ତେଷୁ:**

**ଓଡ଼ିଶାର ସମସ୍ତ ଜିଲ୍ଲା ପରିଷଦ ଅଧ୍ୟକ୍ଷ ଓ ଅଧ୍ୟକ୍ଷା ,**

**ଓଡ଼ିଶାର ସମସ୍ତ ପଞ୍ଚାୟତ ସମିତି ଅଧ୍ୟକ୍ଷ ଓ ଅଧ୍ୟକ୍ଷା ,**

**ଓଡ଼ିଶାର ସମସ୍ତ ଗ୍ରାମପଞ୍ଚାୟତ ସରପଞ୍ଚ ଏବଂ**

**ଓଡ଼ିଶାର ସମସ୍ତ ମହାନଗର ନିଗମ, ମ୍ୟୁନିସପାଲ୍‌ଟି, ବିଜ୍ଞାପିତ ଅଞ୍ଚଳ ପରିଷଦର ମହାନଗରପାଳ, ନଗରପାଳ**

**ବିଷୟ : ଭାରତର ଜନଗଣନା ୨୦୧୧ ଏବଂ ଆପଣମାନଙ୍କର ସହଯୋଗ**

ମହାଶୟ / ମହାଶୟା,

ଆପଣମାନେ ଜାଣିଥିବେ, ୨୦୧୧ ମସିହା ଫେବୃୟାରୀ ମାସରେ ଆମ ଦେଶର ପଞ୍ଚଦଶତମ ଜନଗଣନା କାର୍ଯ୍ୟକ୍ରମ ଅନୁଷ୍ଠିତ ହେବାକୁ ଯାଉଛି । ଏହି କାର୍ଯ୍ୟକ୍ରମରେ ଆପଣମାନଙ୍କର ସମ୍ପୃକ୍ତି ଏବଂ ସହଯୋଗ ନିମନ୍ତେ ମୁଁ ଆପଣମାନଙ୍କୁ ଆହ୍ୱାନ କରୁଛି ।

ଆମେ ଜାଣିଛୁ ଯେ ଭାରତ ଏକ ଜନମଙ୍ଗଳ ରାଷ୍ଟ୍ର । ଜନସାଧାରଣଙ୍କ ବହୁ ହିତ ସାଧନପାଇଁ ସ୍ୱାଧୀନତା ପରଠାରୁ ବିଭିନ୍ନ ପଞ୍ଚବାର୍ଷିକ ଯୋଜନା, ବାର୍ଷିକ ଯୋଜନା ଏବଂ ଅନେକ କଲ୍ୟାଣମୂଳକ ଯୋଜନାମାନ ହାତକୁ ନିଆଯାଇଅଛି । ଏହା କହିବା ବାହୁଲ୍ୟ ଯେ, ଜନଗଣନା ଯୋଜନା ନିମନ୍ତେ ଆବଶ୍ୟକ ହେଉଥିବା ପ୍ରାରମ୍ଭିକ ସ୍ତରର ତଥ୍ୟମାନ ଯୋଗାଇଥାଏ । ଜନଗଣନାର ତଥ୍ୟକୁ ଆଧାର କରି ପାର୍ଲିଆମେଣ୍ଟ ଓ ଆସେମ୍ବ୍ଲି ନିର୍ବାଚନ ମଣ୍ଡଳୀ, ସ୍ଥାନୀୟ ସ୍ୱାୟତ୍ତ-ଶାସନ ସଂସ୍ଥାର ସୀମା ନିର୍ଦ୍ଧାରଣ କରାଯାଇଥାଏ । ଜନଗଣନାରୁ ଗ୍ରାମ ଓ ସହରମାନଙ୍କ ସମ୍ବନ୍ଧରେ ବିଭିନ୍ନ ତଥ୍ୟ ମିଳିଥାଏ ।

ଭାରତର ଜନଗଣନାର ଏକ ମହାନ୍ ପରମ୍ପରା ରହିଛି ଏବଂ ଏହା ବିଶ୍ୱର ସର୍ବଶ୍ରେଷ୍ଠ ଜନଗଣନାର ସୁଖ୍ୟାତି ବଜାୟ ରଖିଅଛି । ଭାରତର ପ୍ରଥମ ଜନଗଣନା ୧୮୭୨ ମସିହାରେ ଅନୁଷ୍ଠିତ ହୋଇଥିଲା । ଦେଶର ଭିନ୍ନ ଭିନ୍ନ ଅଞ୍ଚଳରେ ଭିନ୍ନ ଭିନ୍ନ ସମୟରେ ଏହା କରାଯାଇଥିଲା । ୧୮୮୧ ମସିହାରେ ସମଗ୍ର ଦେଶପାଇଁ ସର୍ବତ୍ର ଏକ ସମୟରେ ଜନଗଣନା ଆରମ୍ଭ କରାଯାଇଥିଲା । ସେହି ଦିନଠାରୁ ପ୍ରତି ୧୦ ବର୍ଷ ବ୍ୟବଧାନରେ ନିରବଚ୍ଛିନ୍ନ ଭାବେ ଜନଗଣନା ହୋଇଆସୁଅଛି । ଏହିପରି ଭାବେ ୧୮୭୨ ମସିହାଠାରୁ ଆରମ୍ଭ ହୋଇ କ୍ରମାଗତ ଭାବେ ଅନୁଷ୍ଠିତ ହୋଇଆସୁଥିବା ଜନଗଣନା କ୍ରମର ୨୦୧୧ ମସିହା ଜନଗଣନା ହେବ ପଞ୍ଚଦଶତମ ଓ ସ୍ୱାଧୀନତା ପରବର୍ତ୍ତୀ ସପ୍ତମ ଜନଗଣନା । ଯୁଦ୍ଧ, ମହାମାରୀ, ପ୍ରାକୃତିକ ବିପର୍ଯ୍ୟୟ, ରାଜନୈତିକ ଅସ୍ଥିରତା ଇତ୍ୟାଦି ଅନେକ ପ୍ରତିବନ୍ଧକ ସତ୍ତ୍ୱେ ଅଗଣିତ ଗଣନାକାରୀଙ୍କ ଅଦମ୍ୟ ଉତ୍ସାହ ତଥା ଉତ୍ସର୍ଗୀକୃତ ମନୋଭାବ ଯୋଗୁଁ ଜନଗଣନାର ମହାନ୍ ଐତିହାସିକ ପରମ୍ପରା ଅପ୍ରତିହତ ରହିପାରିଛି । ଜନଗଣନାରେ ଭାରତର ଜନସାଧାରଣଙ୍କର ଯୋଗଦାନ ବିଭିନ୍ନତା ମଧ୍ୟରେ ଜାତୀୟ ଏକତାର ଏକ ବାସ୍ତବ ନିଦର୍ଶନ ।

........ କ୍ରମଶଃ

କ୍ରମ ପତ୍ର ଜନଗଣନା ଏକ ନିର୍ଦ୍ଧାରିତ ମୁହୂର୍ତ୍ତରେ ଦେଶ ଓ ତାର ଜନସାଧାରଣଙ୍କ ସମ୍ବନ୍ଧରେ ଅତ୍ୟନ୍ତ ମୂଲ୍ୟବାନ ତଥ୍ୟମାନ ଯୋଗାଇଥାଏ । ଏଥିରୁ ଜନସଂଖ୍ୟାର ଗତିବିଧି ଓ ତତ୍ ସମ୍ପର୍କୀୟ ବିଭିନ୍ନ ବୈଶିଷ୍ଟ୍ୟ ସୂଚିତ ହୋଇଥାଏ ଏବଂ ଏହି ସବୁ ତଥ୍ୟ ଯୋଜନା ପ୍ରଣୟନ ପାଇଁ ଏକାନ୍ତ ଜରୁରୀ । ଦେଶ ତଥା ଦେଶବାସୀଙ୍କର କଲ୍ୟାଣ ସାଧନ ପାଇଁ ଉତ୍ତମ ନୀତି ଓ କାର୍ଯ୍ୟକ୍ରମ ସବୁ ନିର୍ଦ୍ଧାରଣ କରିବା ଲାଗି ଜନଗଣନାର ତଥ୍ୟଗୁଡ଼ିକ ବାରମ୍ବାର ଉପଯୋଗୀ ବିବେଚିତ ହୋଇଥାଏ । ଏହା ଗବେଷକ, ବ୍ୟବସାୟୀ, ଶିଳ୍ପପତି, ଯୋଜନା ପ୍ରଣୟନକାରୀ, ନିର୍ବାଚନ ଅଧିକାରୀମାନଙ୍କ ଚାହିଦା ପୂରଣ କରିବା ସାଙ୍ଗେ ସାଙ୍ଗେ ସଫଳ ଓ ସୁଦକ୍ଷ ପ୍ରଶାସନପାଇଁ ଅପରିହାର୍ଯ୍ୟ ହୋଇଥାଏ । ତେଣୁ ଆୟତନ ଓ ରାଜନୈତିକ ସ୍ଥିତି ନିର୍ବିଶେଷରେ ପ୍ରଗତିଶୀଳ ରାଷ୍ଟ୍ରମାନଙ୍କରେ ଜନଗଣନା ଏକ ନିୟମିତ କାର୍ଯ୍ୟକ୍ରମ ରୂପେ ବିବେଚିତ ହୋଇଥାଏ । ସୁଚିନ୍ତିତ ଲକ୍ଷ୍ୟ ସାଧନ ପାଇଁ ନିୟମିତ ବ୍ୟବଧାନରେ ଏହା ସମ୍ପାଦିତ ହୋଇଥାଏ ।

୨୦୧୧ ମସିହାରେ ଭାରତର ଜନଗଣନା ଦୁଇଟି ପର୍ଯ୍ୟାୟରେ ସମ୍ପାଦିତ ହେଉଅଛି ଯଥା- (କ) ଗୃହତାଲିକା ଓ ଗୃହଗଣନା ଏବଂ (ଖ) ଜନଗଣନା । ପ୍ରଥମ ପର୍ଯ୍ୟାୟ ଗୃହତାଲିକା ଓ ଗୃହଗଣନା ସମୟରେ ବିଲ୍ଡ଼ିଂ, ସେନ୍‌ସସ୍ ଗୃହ ଏବଂ ପରିବାରଗୁଡ଼ିକୁ ଚିହ୍ନଟ କରାଯାଇ ଏକ ଶୃଙ୍ଖଳିତ କ୍ରମରେ ତାଲିକାଭୁକ୍ତ କରାଯାଇଥିଲା । ଆମ ରାଜ୍ୟରେ ଏହା ୨୦୧୦ ମସିହା ଏପ୍ରିଲ ୭ ତାରିଖରୁ ଆରମ୍ଭ ହୋଇ ମେ ୨୨ ତାରିଖରେ ଶେଷ ହୋଇଅଛି । ଗୃହଗୁଡ଼ିକ ତାଲିକାଭୁକ୍ତ କରିବା ବ୍ୟତୀତ ଜନବସତି ଗୁଡ଼ିକର ପାରିପାର୍ଶ୍ୱିକ ଅବସ୍ଥା, ବାସଗୃହର ଅଭାବ ଅସୁବିଧା ଇତ୍ୟାଦି ଆକଳନ କରିବାପାଇଁ ପରିବାରଗୁଡ଼ିକୁ ଉପଲବ୍ଧ ହେଉଥିବା ସୁବିଧା ସୁଯୋଗ ବିଷୟରେ ମଧ୍ୟ ଆବଶ୍ୟକୀୟ ତଥ୍ୟ ସଂଗ୍ରହ କରାଯାଇଥିଲା ।

୨୦୧୧ ମସିହା ଫେବୃୟାରୀରୁ ମାର୍ଚ୍ଚ ମଧ୍ୟରେ ଜନଗଣନାର ଦ୍ୱିତୀୟ ପର୍ଯ୍ୟାୟ କାର୍ଯ୍ୟ ଅର୍ଥାତ୍ ମୁଖ୍ୟ ଜନଗଣନା ସମ୍ପାଦିତ ହେବ । ଏକ ନିର୍ଦ୍ଧାରିତ ସମୟରେ ପ୍ରତ୍ୟେକ ବ୍ୟକ୍ତିଙ୍କୁ ଗଣନାଭୁକ୍ତ କରିବା ଏବଂ ତାଙ୍କର ବ୍ୟକ୍ତିଗତ ବିବରଣୀ ସଂଗ୍ରହ କରିବା ହେଉଛି ଦ୍ୱିତୀୟ ପର୍ଯ୍ୟାୟ ଜନଗଣନାର ମୁଖ୍ୟ ଉଦ୍ଦେଶ୍ୟ ।

୨୦୧୧ ମସିହା ମାର୍ଚ୍ଚ ୧ ତାରିଖର ଶୂନ୍ୟ କାଳ (ଘ.୦୦.୦୦) ହେଉଛି ଭାରତର ଜନଗଣନା ୨୦୧୧ ପାଇଁ ନିର୍ଦ୍ଧାରିତ ମୁହୂର୍ତ୍ତ ଏବଂ ଗଣନାକାଳ ୨୦୧୧ ମସିହାର ଫେବୃୟାରୀ ୯ ତାରିଖଠାରୁ ୨୮ ତାରିଖ ପର୍ଯ୍ୟନ୍ତ ନିର୍ଦ୍ଦିଷ୍ଟ କରାଯାଇଛି । ତେଣୁ ଗଣନାକାରୀ ୨୦୧୧ ମସିହା ଫେବୃୟାରୀ ୯ ତାରିଖରୁ ଗଣନାକାର୍ଯ୍ୟ ଆରମ୍ଭ କରିବେ ଏବଂ ଫେବୃୟାରୀ ୨୮ ତାରିଖ ମଧ୍ୟରେ ଶେଷ କରିବେ । ଏହି ସମୟ ମଧ୍ୟରେ ତାଙ୍କୁ ଦିଆଯାଇଥିବା ନିର୍ଦ୍ଦିଷ୍ଟ ଅଞ୍ଚଳର ସମସ୍ତ ପରିବାର ଓ ସେହି ପରିବାରଗୁଡ଼ିକରେ ବାସ କରୁଥିବା ପ୍ରତ୍ୟେକ ବ୍ୟକ୍ତିଙ୍କୁ ଗଣନା କରିବେ । ଗୃହହୀନ ବ୍ୟକ୍ତିମାନଙ୍କୁ ୨୦୧୧ ମସିହା ଫେବୃୟାରୀ ୨୮ ତାରିଖ ରାତିରେ ଗଣନାଭୁକ୍ତ କରାହେବ । ଏହାପରେ ତଥ୍ୟଗୁଡ଼ିକ ପୁନର୍ବାର ଯାଞ୍ଚ କରି ଜନଗଣନାର ନିର୍ଦ୍ଧାରିତ ମୁହୂର୍ତ୍ତ ଅର୍ଥାତ୍ ୨୦୧୧ ମସିହା ମାର୍ଚ୍ଚ ୧ ତାରିଖର ଶୂନ୍ୟକାଳ (ଘ.୦୦.୦୦) ସମୟକୁ ସଠିକ ଜନସଂଖ୍ୟା କେତେ ତାହା ନିରୂପଣ କରିବାପାଇଁ ୨୦୧୧ ମସିହା ମାର୍ଚ୍ଚ ୧ ତାରିଖରୁ ୫ ତାରିଖ ଭିତରେ ଗଣନାକାରୀମାନେ ନିଜର ଗଣନା ଅଞ୍ଚଳରେ ପୁଣିଥରେ ବୁଲି ଆସିବେ । କାର୍ଯ୍ୟର ଗୁରୁତ୍ୱ ଦୃଷ୍ଟିରୁ ଏହା ପୂର୍ଣ୍ଣ ଶୃଙ୍ଖଳାର ସହିତ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ନିଶ୍ଚିତ ଶେଷ ହେବା ଉଚିତ । ଏଥିପାଇଁ ଆମ ରାଜ୍ୟର ପ୍ରତ୍ୟେକ ବ୍ୟକ୍ତିଙ୍କର ସହଯୋଗ ଏକାନ୍ତ ଆବଶ୍ୟକ ।

ଉପରୋକ୍ତ ପରିପ୍ରେକ୍ଷୀରେ ମୁଁ ଆପଣମାନଙ୍କୁ ଅନୁରୋଧ କରୁଛି, ଆପଣ ତଥା ଆପଣମାନଙ୍କର ସହଯୋଗୀମାନେ ଜନଗଣନାକାରୀଙ୍କୁ ତଥ୍ୟ ସଂଗ୍ରହ କରିବାରେ ସାହାଯ୍ୟ କରନ୍ତୁ । ଆପଣଙ୍କ ଅଞ୍ଚଳରେ ଜନଗଣନା ନିମନ୍ତେ ନିୟୋଜିତ ସମସ୍ତ କର୍ମଚାରୀ କିଭଳି ସୁଚାରୁ ରୂପେ ତାଙ୍କର କର୍ତ୍ତବ୍ୟ ପାଳନ କରୁଛନ୍ତି ସେ ବିଷୟରେ ବିଶେଷ ଧ୍ୟାନ ଦେବେ । ଜନସାଧାରଣଙ୍କୁ ଗଣନାକାରୀଙ୍କ ସହିତ ସହଯୋଗ କରିବାପାଇଁ ଆପଣମାନେ ବିଭିନ୍ନ କାର୍ଯ୍ୟକ୍ରମ ମାଧ୍ୟମରେ ଉତ୍ସାହିତ କରନ୍ତୁ ।

ଆମ ରାଜ୍ୟରେ ୨୦୧୧ ଜନଗଣନାକୁ ସମ୍ପୂର୍ଣ୍ଣ ଭାବେ ସଫଳ କରିବାପାଇଁ ଆପଣମାନେ ବିଶେଷ ଭାବେ ବ୍ରତୀ ହେବେ, ଏହା ମୋର ବିଶେଷ ଅନୁରୋଧ ଓ ବିଶ୍ୱାସ । ଧନ୍ୟବାଦ ।

ଆପଣଙ୍କର ବିନୀତ,

ନବୀନ ପଟ୍ଟନାୟକ

(ନବୀନ ପଟ୍ଟନାୟକ)